ଜୟ ପ୍ରକାଶ ଶର୍ମା

ବନାମ

ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ

ମାର୍ଚ୍ଚ 20, 1997

[କେ. ରାମସ୍ୱାମୀ ଏବଂ ଏସ. ସାହିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ୟୁ. ପି. ମାଧ୍ୟମିକ ଶିକ୍ଷା ଅଧିନିୟମ, 1921:*

*ଧାରା 16-E(2)- ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ- ନିଯୁକ୍ତି- ଯୋଗ୍ୟତା- ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନୀତ କନିଷ୍ଠ ଉଚ୍ଚ ବିଦ୍ୟାଳୟ- ବିଜ୍ଞାପିତ ପ୍ରଧାନଶିକ୍ଷକ ପଦବୀ- କନିଷ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟମାନେ ଆବେଦନ କରିଥିଲେ- କନିଷ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋନୀତ ହୋଇନଥିଲେ କାରଣ ତାଙ୍କର ଆବଶ୍ୟକ ଅଭିଜ୍ଞତା ନଥିଲା- ସେ ନିଯୁକ୍ତିକୁ ଆପତ୍ତି କରିଥିଲେ- କୁହାଗଲା ଯେହେତୁ ରିଟ ଆବେଦନକାରୀ/ଆବେଦନକାରୀ ପ୍ରଧାନଶିକ୍ଷକ ପଦବୀ ପାଇଁ ଯୋଗ୍ୟ ହେବା ପାଇଁ ଆବଶ୍ୟକ ଅଭିଜ୍ଞତା ସମ୍ପୂର୍ଣ୍ଣ କରିନାହାଁନ୍ତି, ଚୟନ କମିଟି ଦ୍ୱାରା କରାଯାଇଥିବା ପ୍ରତିବାଦୀଙ୍କ ମନୋନୟନ ଆଇନରେ ସଠିକ୍ । ୟୁ. ପି. ମାଧ୍ୟମିକ ଶିକ୍ଷା ସେବା ଆୟୋଗ ନିୟମାବଳୀ, 1983 ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 17/1986

ଡବ୍ଲୁ. ପି. ସଂଖ୍ୟା 174/1985 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ତା 3.9.85 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଡି. କେ. ଗର୍ଗ ଏବଂ ସତପାଲ ସିଂହ ଆବେଦନ କରିଥିଲେ ।

ପ୍ରତିବାଦୀମାନଙ୍କ ପକ୍ଷରୁ ଆର. ବି. ମିଶ୍ରାଙ୍କ ପାଇଁ ଆର. ସି. ବର୍ମା, (ପ୍ରମୋଦ ସ୍ୱରୂପ) (ଏନପି) ଏବଂ ଶ୍ରୀମତୀ ରାଣୀ ଛାବ୍ରା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ରାୟରୁ ଆଗତ ହୋଇଛି, ଯାହା 3 ସେପ୍ଟେମ୍ବର, 1985 ରେ ଡବ୍ଲ୍ୟୁପି ସଂଖ୍ୟା 174/85 ରେ କରାଯାଇଥିଲା ।

ସ୍ୱୀକୃତ ସ୍ଥିତି ଏହା ଯେ ଆବେଦନକାରୀ ଜୁଲାଇ 1974 ରୁ ଏକ କନିଷ୍ଠ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଜୁଲାଇ 1976 ରେ ଏହି ବିଦ୍ୟାଳୟକୁ ଏକ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିଲା । ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ପ୍ରଶ୍ନ ଉଠିଥିଲା । ପ୍ରଧାନଶିକ୍ଷକ ଚୟନ ପାଇଁ ଏକ ବିଜ୍ଞାପନ କରାଯାଇଥିଲା । ଆବେଦନକାରୀ ଅନ୍ୟମାନଙ୍କ ସହିତ ଆବେଦନ କରିଥିଲେ ଏବଂ

ଉତ୍ତରପ୍ରଦେଶ ମାଧ୍ୟମିକ ଶିକ୍ଷା ଅଧିନିୟମ, 1921 ର ଧାରା 16-E ଅଧୀନରେ ଗଠିତ ଚୟନ କମିଟି ଉକ୍ତ ପଦବୀ ପାଇଁ ପଞ୍ଚମ ପ୍ରତିବାଦୀଙ୍କୁ ଚୟନ କରିଥିଲେ । ପଞ୍ଚମ ପ୍ରତିବାଦୀ, ମାନ ସିଂହ ବର୍ମାଙ୍କ ଚୟନ ଉପରେ ପ୍ରଶ୍ନ ଉଠାଇ ଆବେଦନକାରୀ ଏକ ରିଟ ଆବେଦନ ଦାଖଲ କରିଥିଲେ ଏବଂ ସ୍ଥଗିତାଦେଶ ହାସଲ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ ଆବେଦନକୁ ଖାରଜ କରିଦିଆଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଆବେଦନକାରୀଙ୍କ ପାଖରେ ଚାରି ବର୍ଷର ଅଭିଜ୍ଞତାର ଆବଶ୍ୟକୀୟ ଯୋଗ୍ୟତା ନଥିଲା ଏବଂ ତେଣୁ, ସେହି ଆଧାରରେ ଚୟନ ପ୍ରକ୍ରିୟା କୌଣସି ଭାବେ ଅବୈଧ ହୋଇନଥିଲା ।

ଆବେଦନକାରୀଙ୍କ ପାଇଁ ଶ୍ରୀମାନ ଓକିଲ ଶ୍ରୀ ଡି. କେ. ଗର୍ଗ ଯୁକ୍ତି ବାଢ଼ିଛନ୍ତି ଯେ ଯେହେତୁ ବିଦ୍ୟାଳୟକୁ ପୂର୍ଣ୍ଣକାଳୀନ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନୀତ କରିବା ସମୟରେ, ଆବେଦନକାରୀଙ୍କ ପୂର୍ବରୁ ଆବଶ୍ୟକୀୟ ଅଭିଜ୍ଞତା ଥିଲା, ଏବଂ ସେ *କାମଚଳା* ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ, ତେଣୁ ତାଙ୍କୁ ପଦୋନ୍ନତି ପ୍ରାପ୍ତ ବ୍ୟକ୍ତି ଭାବେ ସୁନିଶ୍ଚିତ କରାଯାଇ ପାରିଥା'ନ୍ତା । ତେଣୁ କମିଟି ଦ୍ୱାରା ଚୟନ ଆବଶ୍ୟକ ନଥିଲା । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ମତ ଆଇନ ଦୃଷ୍ଟିରୁ ଠିକ୍ ନୁହେଁ । ଯୁକ୍ତିରେ ଆମ୍ଭେ କୌଣସି ଦମ୍ଭ ପାଉନାହୁଁ । ଏହା ଦେଖିବାକୁ ମିଳିଛି ଯେ ଅଧିନିୟମ ଅଧୀନରେ କରାଯାଇଥିବା ବିନିୟମନର ବିନିୟମନ 2(1) ଅଧୀନରେ, କୌଣସି ଅନୁଷ୍ଠାନର ମୁଖ୍ୟ ପଦବୀ ଧାରା 16 F ର ଉପଧାରା (1) ଅଧୀନରେ ଗଠିତ ଚୟନ କମିଟି କିମ୍ବା, ଧାରା 16 FF ର ଉପଧାରା (1) ଅଧୀନରେ, ଯଥାସ୍ଥିତି, ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ । ୟୁ. ପି. ମାଧ୍ୟମିକ ଶିକ୍ଷା ସେବା ଆୟୋଗ ନିୟମାବଳୀ, 1983 ସହିତ ସଂଲଗ୍ନ ଭାଗ-5 ର ପରିଶିଷ୍ଟ 'A' ରେ ଯୋଗ୍ୟତା ଉଲ୍ଲେଖ ରହିଛି ଯେ "ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରତିଷ୍ଠାନରେ କିମ୍ବା ସ୍ୱୀକୃତିପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଚ୍ଚ ଶ୍ରେଣୀରେ କିମ୍ବା ଉଭୟରେ ମିଳିତ ଭାବରେ ଅତି କମରେ ଚାରି ବର୍ଷ ପାଇଁ ଶିକ୍ଷାଦାନର ଅଭିଜ୍ଞତା ଥିବ କିମ୍ବା ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ କନିଷ୍ଠ ଉଚ୍ଚ ବିଦ୍ୟାଳୟର ତାଲିମପ୍ରାପ୍ତ ସ୍ନାତକ ପ୍ରଧାନଶିକ୍ଷକ ଭାବରେ ମିଳିତ କିମ୍ବା ଅତି କମରେ ଚାରି ବର୍ଷର ଅଭିଜ୍ଞତା ଥିବ, ଏହି ସର୍ତ୍ତରେ ଯେ ଯଦି ସେ(ପୁଅ/ଝିଅ) 30 ବର୍ଷରୁ କମ ନଥିବେ ।"

ଧାରା 16-E(2) ଅଧୀନରେ ପ୍ରଧାନଶିକ୍ଷକ ପଦବୀରେ କମିଟି ଦ୍ୱାରା ଉପଯୁକ୍ତ ପ୍ରକାଶନ ପରେ ପଦୋନ୍ନତି କିମ୍ବା ସିଧାସଳଖ ନିଯୁକ୍ତି ଦ୍ୱାରା ପୂରଣ କରିବାକୁ ପଡିବ । ଉପଧାରା (3) ର ପ୍ରାବଧାନକୁ, ଆବଶ୍ୟକ ଯୋଗ୍ୟତା ନଥିବା ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ଦେବା ପାଇଁ ଏକ ସଂକ୍ଷିପ୍ତ ମାର୍ଗ ଭାବେ ଛାଡ଼ ଦେବା ପାଇଁ ଏକ ନିୟମିତ କାର୍ଯ୍ୟସୂଚୀ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ । ନ୍ୟାୟିକ ସମୀକ୍ଷାର ବିଷୟ ହୋଇଥିବା ଏପରି ଏକ ନିଯୁକ୍ତିର ସମସ୍ତ କାରଣ ସହିତ ଏହାକୁ ନିୟମିତ ଭାବରେ ନୁହେଁ ବରଂ କ୍ୱଚିତ ବ୍ୟବହାର କରାଯିବା ଉଚିତ ।

ଏହା ଦେଖାଯାଉଛି ଯେ ଆବେଦନକାରୀଙ୍କୁ ଜୁଲାଇ 1974 ରେ ଏକ କନିଷ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା, ଯାହା 1976 ରେ ଉନ୍ନୀତ ହୋଇଥିଲା । ତେଣୁ କନିଷ୍ଠ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ତାଙ୍କର ଚାରି ବର୍ଷର ଅଭିଜ୍ଞତା ନଥିଲା । ଯଦିଓ ଶ୍ରୀ ଗର୍ଗ ଆମ୍ଭ ସମ୍ମୁଖରେ ବିଭିନ୍ନ ସ୍ଥାନରେ ଆବେଦନକାରୀଙ୍କ ପୂର୍ବ ଅଭିଜ୍ଞତା ଥିବା ବିଷୟ ଉପସ୍ଥାପନ କରିଛନ୍ତି, ସେଗୁଡ଼ିକ କେବଳ ସହକାରୀ ଶିକ୍ଷକ

ଭାବରେ ତାଙ୍କ କ୍ଷମତାରେ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 1964-65,1965-66 ବର୍ଷ, ଏହି ଦୁଇ ବର୍ଷ ପାଇଁ ସେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ବୋଲି କୁହାଯାଇଛି । ଏହା ଦେଖାଯାଉଛି ଯେ ଯେହେତୁ ସେ ପ୍ରଧାନଶିକ୍ଷକ ପଦବୀ ପାଇଁ ଯୋଗ୍ୟ ହେବାକୁ ଆବଶ୍ୟକୀୟ ଅଭିଜ୍ଞତା ସମ୍ପୂର୍ଣ୍ଣ କରିନାହାଁନ୍ତି, ତେଣୁ ଏହି ଉଦ୍ଦେଶ୍ୟରେ ନିରୀକ୍ଷକଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ପଞ୍ଚମ ପ୍ରତିବାଦୀଙ୍କ ଚୟନ ଆଇନରେ ସଠିକ୍ ।

ତେଣୁ ଏହି ଆବେଦନ ବିଫଳ ହୋଇଛି । ତଦନୁସାରେ ଏହାକୁ ଖାରଜ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଆର. ପି.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**